# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

## ଭାଗ-କ

## ରାଜସ୍ୱ କ୍ଷେତ୍ର ଅଧିନସ୍ଥ ବିଭାଗ ଓ ସଭା

### *I. ସାଧାରଣ*

ପ୍ରତିବେଦନର ଏହି ଭାଗରେ ବିଜୁ ଗାଁ ଗାଡ଼ି ଯୋଜନା ମାଧ୍ୟମରେ ଗ୍ରାମୀଣ ସଂଯୋଗ ସ୍ଥାପନ ଉପରେ ଏକ ବିସ୍ତୃତ ଅନୁପାଳନ ସମୀକ୍ଷା ସହ 21 ଟି ଅନୁଚ୍ଛେଦ ଅନ୍ତର୍ଭୁକ୍ତ ।

ସମ୍ବଳ ସଂଗ୍ରହରେ ରାଜ୍ୟର କାର୍ଯ୍ୟ ଦକ୍ଷତାକୁ କର ରାଜସ୍ୱ ଏବଂ ଅଣ-କର ରାଜସ୍ୱ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ । କେନ୍ଦ୍ରୀୟ କର ଏବଂ ଅନୁଦାନ ସହାୟକ ରାଜ୍ୟର ଭାଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଅର୍ଥ ଆୟୋଗର ସୁପାରିଶ ଉପରେ ଆଧାରିତ ।

ରାଜ୍ୟର ସମୁଦାୟ ରାଜସ୍ୱରୁ ରାଜ୍ୟ ସରକାରଙ୍କ ରାଜସ୍ୱ ବର୍ଷ 2017-18 ରେ 42.60 ପ୍ରତିଶତ ଥିଲା ଯାହାକି ବର୍ଷ 2018-19 ରେ 44.79 ପ୍ରତିଶତକୁ ବୃଦ୍ଧି ପାଇଥିଲା ।

ବର୍ଷ 2018-19 ରେ, 1,363.96 କୋଟି ଟଙ୍କା ଜଡ଼ିତ ଥିବା 1,160 ଟି କର ନିର୍ଦ୍ଧାରଣ ନଥି, ରିଟର୍ଣ୍ଣ, ଅର୍ଥ ଫେରସ୍ତ ରେଜିଷ୍ଟର ଓ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ସମୀକ୍ଷା ଯାଞ୍ଚ ପାଇଁ ପ୍ରଦାନ କରାଯାଇନଥିଲା ।

***(ଅନୁଚ୍ଛେଦ 1.6.5)***

ବର୍ଷ 2018-19 ରେ, 51,182 ମାମଲାରେ 1,066.28 କୋଟି ଟଙ୍କାର କମ୍ ନିର୍ଦ୍ଧାରଣ/ କମ୍ କର ବସାଣ/ ରାଜସ୍ୱ ହାନି ହୋଇଥିଲା ।

***(ଅନୁଚ୍ଛେଦ 1.9)***

### *II. ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ଇତ୍ୟାଦି*

ଅଧିନିୟମର ଉପଯୁକ୍ତ ବ୍ୟବସ୍ଥା ଲାଗୁ କରିବାରୁ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ବିଫଳତା ଫଳରେ 446.74 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ।

***(ଅନୁଚ୍ଛେଦ 2.5.1)***

କରର କମ୍ ପ୍ରତ୍ୟାବର୍ତ୍ତନ ଫଳରେ 12.74 ଲକ୍ଷ ଟଙ୍କାର କର ଏବଂ 25.48 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ହୋଇଥିଲା ।

***(ଅନୁଚ୍ଛେଦ 2.5.2)***

ପ୍ରମାଣିକ ବାର୍ଷିକ ସମୀକ୍ଷିତ ହିସାବ(ସିଏଏ)ର ବିଳମ୍ବିତ ଉପସ୍ଥାପନ ପାଇଁ 6.80 କୋଟି ଟଙ୍କାର ଜୋରିମାନା ଅନାରୋପଣ ନିମନ୍ତେ ଡିଲରମାନଙ୍କ ଉପରେ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

***(ଅନୁଚ୍ଛେଦ 2.5.3)***

ଅଧିନିୟମର ଉପଯୁକ୍ତ ବ୍ୟବସ୍ଥା ଲାଗୁ କରିବାକୁ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ବିଫଳତା କାରଣରୁ 20.22 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ହୋଇଥିଲା ।

***(ଅନୁଚ୍ଛେଦ 2.6.1)***

ଓଡ଼ିଶା ଭାଟ ଏବଂ ସିଏସ୍‌ଟି ଅଧିନିୟମ ଅଧିନରେ 52.89 ପ୍ରତିଶତ କର ନିର୍ଦ୍ଧାରଣ ସମାପ୍ତ ହୋଇଥିଲା ଏବଂ ଓଡ଼ିଶା ପ୍ରବେଶ କର ଅଧିନିୟମ ଅଧିନରେ ବାକି ଥିବା ନିର୍ଦ୍ଧାରଣର ଏହା 55.91 ପ୍ରତିଶତ ଥିଲା । ଏହା ସୂଚିତ କଲା ଯେ 31 ଅକ୍ଟୋବର 2018 ସୁଦ୍ଧା ସମାପ୍ତ କରାଯିବା ପାଇଁ ସର୍କୁଲାର ସଂଖ୍ୟା 45831 ସିଟି/ ତା 20.03.2018 ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ବିଭାଗ କୌଣସି ପ୍ରଭାବୀ ପଦକ୍ଷେପ ଗ୍ରହଣ କରିନଥିଲେ ।

***(ଅନୁଚ୍ଛେଦ 2.7.3)***

## III. ରାଜ୍ୟ ଅବକାରୀ ଶୁଳ୍କ

2016-17 ବର୍ଷରେ 245 ଜଣ ଲାଇସେନ୍ସଧାରୀଙ୍କ ଠାରୁ 23.25 କୋଟି ଟଙ୍କା ଏବଂ 2017-18 ରେ 38 ଜମ ଲାଇସେନ୍ସଧାରୀଙ୍କ ଠାରୁ 2.45 କୋଟି ଟଙ୍କା ଭାରତ ତିଆରି ବିଦେଶୀ ମଦ ଏବଂ ବିଅରର ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ସ୍ୱଳ ଉଠାଣ ଉପରେ କର ନିର୍ଦ୍ଧାରଣ କରାଯାଇ ନଥିଲା କିମ୍ବା ସ୍ୱଚ୍ଛାରୋପଣ ହୋଇଥିଲା ।

***(ଅନୁଚ୍ଛେଦ 3.5.3)***

ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣଠାରୁ କମ୍ ପରିମାଣର ଦେଶୀ ମଦ ଉଠାଣ ଉପରେ 1.81 କୋଟି ଟଙ୍କାର ଅବକାରୀ ଶୁଳ୍କ କମ୍ ନିର୍ଦ୍ଧାରଣ ହୋଇଥିଲା ।

***(ଅନୁଚ୍ଛେଦ 3.5.4)***

ଗୋଟିଏ ପାତନଶାଳାଠାରୁ 2017-18 ବର୍ଷରେ ନିର୍ଦ୍ଧାରିତ ସମୟ ଠାରୁ 2,005 ଘଣ୍ଟାର ଅତିରିକ୍ତ ସମୟ ଚାଲୁ ରହିବା ଏବଂ ଓଭର ଟାଇମ୍ ବାବଦରେ 64.21 ଲକ୍ଷ ଟଙ୍କାର ଖର୍ଚ୍ଚ ଅନାଦାୟ ହୋଇଥିଲା ।

***(ଅନୁଚ୍ଛେଦ 3.5.5)***

2016-17 ଏବଂ 2017-18 ବର୍ଷ ପାଇଁ ଦୁଇଟି ପାତନଶାଳାଠାରୁ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ 19.28 ଲକ୍ଷ ଟଙ୍କା ଅନାଦାୟ ଥିଲା ।

***(ଅନୁଚ୍ଛେଦ 3.5.6)***

2017-18 ପାଇଁ ଗୋଟିଏ ଯୋଗାଣକାରୀଙ୍କଠାରୁ ସ୍ୱଚ୍ଛ ଯୋଗାଣ ପାଇଁ 15 ଲକ୍ଷ ଟଙ୍କାର ଜୋରିମାନା ଆଦାୟ ହୋଇନଥିଲା ।

***(ଅନୁଚ୍ଛେଦ 3.5.7)***

## IV. ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫି

'ବିକ୍ରୟ ରାଜିନାମା ଏବଂ ଉନ୍ନୟନ ରାଜିନାମା', 'ଆଟର୍ଣ୍ଣିର କ୍ଷମତା',ବିକ୍ରୟ ପ୍ରମାଣ ପତ୍ର ଏବଂ ଜମିର ଅବମୂଲ୍ୟାୟନ, କୋଠାଘର ଏବଂ ଅଧିସଂରଚନାର ଅବମୂଲ୍ୟାୟନ ଉପରେ 192.17 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ସ୍ୱଚ୍ଛାଦାୟ ହୋଇଥିଲା ।

***(ଅନୁଚ୍ଛେଦ 4.5.1, 4.5.2, 4.5.3, 4.5.4 & 4.5.5)***

## V. ମୋଟର ଯାନ କର

**'ବିଜୁ ଗାଁ ଗାଡ଼ି ଯୋଜନା' ମାଧ୍ୟମରେ ଗ୍ରାମୀଣ ସଂଯୋଗ ସ୍ଥାପନ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା ନିମ୍ନଲିଖିତ ଅନିୟମିତତା ସୂଚାଇଲା :**

ଏହି ଯୋଜନାରେ ଧାର୍ଯ୍ୟ ହୋଇଥିବା ବାସ୍ତବିକ ଓ ଆର୍ଥିକ ଲକ୍ଷ୍ୟ ହାସଲ ନ କରିପାରିବାର ମୂଳ କାରଣ ଥିଲା ଅପ୍ରଭାବୀ ଯୋଜନା, ସମନ୍ୱୟର ଅଭାବ, ଯାତ୍ରୀ ସଂଖ୍ୟା ବିଚାରକୁ ନ ନେବା, ଅପରେଟର ମାନଙ୍କ ପାଇଁ ପ୍ରୋତ୍ସାହନ ନ ଦେବା ।

***(ଅନୁଚ୍ଛେଦ 5.4.2.1)***

ଗାଡ଼ି ଗୁଡ଼ିକୁ ବିଜିଜିଓ୍ୱାଇ ପରମିଟ୍ ଜାରି କରାଯାଇ ନଥିଲା କିମ୍ବା ସମୟ ଓ ଷ୍ଟପେଜ୍ ଷ୍ଟେସନ୍ ଉଲ୍ଲେଖ କରା ନଯାଇ ପରମିଟ୍ ଜାରି କରାଯାଇଥିଲା, ଯାହାଫଳରେ ଗାଡ଼ିଚାଳକ ପ୍ରଭାବୀ ହୋଇପାରିନଥିଲା ।

***(ଅନୁଚ୍ଛେଦ 5.4.2.2)***

ଏହି ଯୋଜନା ଅଧିନରେ ବିଜିଜିଓ୍ୱାଇ ରୁଟ୍ ଚିହ୍ନଟ କିମ୍ବା ଅନ୍ତର୍ଭୁକ୍ତ କରାଯାଇ ନଥିଲା ଯାହାଫଳରେ ନିର୍ଦ୍ଦିଷ୍ଟ ରୁଟରେ ଗ୍ରାମ୍ୟ ସଂଯୋଗୀକରଣ ବ୍ୟବସ୍ଥା ପ୍ରଭାବୀ ହୋଇପାରି ନଥିଲା ଏବଂ ରାସ୍ତା ଶୁଳ୍କ ଓ ପରମିଟ୍ ଫି ବାବଦରେ 67.91 ଲକ୍ଷ ଟଙ୍କା ଅନିୟମିତ ଭାବେ ଛାଡ଼ କରାଯାଇଥିଲା ।

***(ଅନୁଚ୍ଛେଦ 5.4.2.3)***

ବାମପନ୍ଥୀ ଉଗ୍ରବାଦୀ (ଏଲ୍‌ଡବ୍ଲୁଇ) ପ୍ରଭାବିତ ଅଞ୍ଚଳରେ ଚିହ୍ନିତ ସମସ୍ତ ରୁଟରେ ଏହି ଯୋଜନା ଅଧିନରେ ନିୟମିତ ଗାଡ଼ି ଚଳାଚଳ କରାଯାଇପାରି ନଥିଲା ।

***(ଅନୁଚ୍ଛେଦ 5.4.2.4)***

ଗାଡ଼ି ଅପରେଟର ମାନଙ୍କ ମଧ୍ୟରେ ସଚେତନତାର ଅଭାବ, ବିଏଲ୍‌ସି ଗୁଡ଼ିକ ଦ୍ୱାରା ନିୟମିତ ସାର୍ଟିଫିକେଟ ଜାରି କରାନଯିବା, ଆରଟିଓ ମାନଙ୍କ ଦ୍ୱାରା ପ୍ରସ୍ତାବ ଦାଖଲ କରା ନଯିବା ଯୋଗୁଁ ଏହି ଯୋଜନା ଅଧିନରେ ସୁଧ ରିହାତି ବାବଦରେ ନଗଣ୍ୟ ବ୍ୟୟ କରାଯାଇଥିଲା ।

***(ଅନୁଚ୍ଛେଦ 5.4.3.1)***

ଏହି ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନ ଅନୁଦାନର ଏକ ସର୍ତ୍ତ ଉପରେ ଗାଡ଼ି ଗୁଡ଼ିକର ଚଳାଚଳକୁ ନିୟମିତ ସାହାଯ୍ୟ କରାଯାଉଥିବା ନିଶ୍ଚିତ ହୋଇନଥିଲା ।

***(ଅନୁଚ୍ଛେଦ 5.4.4.1)***

**ଅନ୍ୟାନ୍ୟ ସମୀକ୍ଷା ସିଦ୍ଧାନ୍ତ**

ପଞ୍ଜୀକୃତ ହୋଇଥିବା 14,039 ଟି ମାଲବାହୀ ଏବଂ ଯାତ୍ରୀବାହୀ ବସ ମାଲିକ ମାନଙ୍କ ଠାରୁ 13.29 କୋଟି ଟଙ୍କା ମୋଟର ଯାନ କର ଓ ଅତିରିକ୍ତ କର ଏବଂ 26.58 କୋଟି ଟଙ୍କା ଜୋରିମାନା ଅନାଦାୟ ଥିଲା ।.

***(ଅନୁଚ୍ଛେଦ 5.6.1)***

ପଞ୍ଜୀକୃତ 8,805 ଟି ମୋଟର ଟ୍ରେଲର ସଂଲଗ୍ନ ଟ୍ରାକ୍ଟରଏବଂ ଘରୋଇ ସେବା ଯାନ ମାଲିକଙ୍କ ଠାରୁ କର ବାବଦକୁ 1.84 କୋଟି ଟଙ୍କା ଏବଂ ଜୋରିମାନା ବାବଦକୁ 3.68 କୋଟି ଟଙ୍କାର ଅନାଦାୟ ।

***(ଅନୁଚ୍ଛେଦ 5.6.2)***

136 ଟି ଗାଡି ମାଲିକଙ୍କ ଠାରୁ 0.08 କୋଟି ଟଙ୍କାର କର ଓ ଅତିରିକ୍ତ କର ଏବଂ 0.16 କୋଟ ଟଙ୍କାର ଜୋରିମାନା ଅନାଦାୟ ।

***(ଅନୁଚ୍ଛେଦ 5.6.3)***

## *VI.* ଖଣିଜ ପ୍ରାପ୍ତି

ରୟାଲିଟି ବାବଦରେ 124.26 କୋଟି ଟଙ୍କା କମ୍ ଆଦାୟ କରାଯାଇଥିଲା ଏବଂ ସାଇଜ୍ କୋଇଲା ଉପରେ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ ପାଇଁ 2.49 କୋଟି ଟଙ୍କା ଏବଂ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ପାଣ୍ଠି ପାଇଁ 37.28 କୋଟି ଟଙ୍କାର କମ୍ ଅସୁଲି ହୋଇଥିଲା ।

***(ଅନୁଚ୍ଛେଦ 6.5.1)***

# ଭାଗ-ଖ

## ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ବିଭାଗ ଏବଂ ସଂସ୍ଥା ସମୂହ

## *VII. ଉପକ୍ରମ*

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପ୍ରତିବେଦନର ଏହି ଭାଗ ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ସରକାରୀ ବିଭାଗମାନଙ୍କର ଅନୁପାଳନ ସମୀକ୍ଷାର ପର୍ଯ୍ୟବେକ୍ଷଣ ସହିତ ସମ୍ପର୍କିତ । ଅନୁପାଳନ ସମୀକ୍ଷା ହେଉଛି ଉପଯୁକ୍ତ ନିୟମ, କାନୁନ, ବିନିୟମ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ଅନୁଦେଶ ଗୁଡିକର ଅନୁପାଳନ ହେଉଛି କି ନାହିଁ ସୁନିଶ୍ଚିତ କରିବା ପାଇଁ ସଂସ୍ଥାଗୁଡିକର ବ୍ୟୟ, ପ୍ରାପ୍ତି, ସମ୍ପତ୍ତି ଓ ଦାୟ ସମ୍ପର୍କିତ ନେଣଦେଣର ପରୀକ୍ଷା ।

ଡି.ପି.ସି. ଅଧିନିୟମ 1971 ର ପରିଚ୍ଛେଦ[1] 13 ଅନୁଯାୟୀ ସିଏଜି, ଓଡିଶା ସରକାରଙ୍କର ବିଭାଗଗୁଡିକର ବ୍ୟୟର ସମୀକ୍ଷା କରନ୍ତି । ଏହା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଯଥେଷ୍ଟ ପାଣ୍ଠି ଦିଆଯାଇଥିବା ସ୍ୱୟଂ ଶାସିତ ସଂସ୍ଥାଗୁଡିକର ସମୀକ୍ଷା ସିଏଜି କରିଥାନ୍ତି ।

ରାଜ୍ୟରେ ସଚିବାଳୟ ସ୍ତରରେ 39 ଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ /କମିଶନର ତଥା ସଚିବଙ୍କ ଅଧୀନରେ ରହିଛି । ନିର୍ଦ୍ଦେଶକ ଓ ଅଧସ୍ତନ ଅଧିକାରୀମାନେ ସେମାନଙ୍କୁ ସହାୟତା କରିଥାନ୍ତି । ଏହି 39ଟି ବିଭାଗ ମଧ୍ୟରୁ 12 ଟି ଆର୍ଥିକ କ୍ଷେତ୍ରର ଅନ୍ତର୍ଭୁକ୍ତ ଅଟେ । ପ୍ରତିବେଦନର ଏହି ଭାଗରେ ଚାରୋଟି[2] ବିଭାଗର ସମୀକ୍ଷା ଫଳାଫଳ ଅନ୍ତର୍ଭୁକ୍ତ ।

## *VIII. ଅନୁପାଳନ ସମୀକ୍ଷା*

### ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

### ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷକ ମାନଙ୍କୁ ସହାୟତା ର ବିସ୍ତୃତ ଅନୁପାଳନ ସମୀକ୍ଷା

ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଦ୍ୱାରା କୃଷକ ମାନଙ୍କୁ ସହାୟତା ର ଏକ ବିସ୍ତୃତ ଅନୁପାଳନ ସମୀକ୍ଷା ଜୁନ ଠାରୁ ସେପ୍ଟେମ୍ବର 2019 ମଧ୍ୟରେ କରାଯାଇଥିଲା ।

ସମିତି/ସମବାୟ ବ୍ୟାଙ୍କ ମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି କୃଷକମାନଙ୍କୁ ଫସଲ ଋଣର ପରିଶୋଧ ପାଇଁ ନୂତନ ଫସଲ କୃଷିଋଣ ର ମଞ୍ଜୁରୀ ବିନା ଋଣ ପ୍ରଦାନ ରେ କରିବାର ଯେଉଁ ପ୍ରଥା ଆପଣାଯାଇଥିଲା, ତାହାର ଅବଲୋକନ ଏବଂ ସମ୍ମୋଧନ ହେବା ଦରକାର । ସରକାରଙ୍କୁ ତତ୍କାଳୀନ ସଂସ୍ଥାଗତ ନିଷ୍ପତ୍ତି ଗୁଡିକ (ସାଧାରଣ ବ୍ୟାଙ୍କ ଜମାଖାତା ହେଉ, କିମ୍ବା ଅନ୍ୟ କିଛି ସହାୟତା) ପୁନଃଅବଲୋକନ କରିବା ଦରକାର ଯାହା ସମ୍ପୂର୍ଣ୍ଣ ଭାବେ ସମସ୍ୟାଟିକୁ ଉଭୟ କୃଷକ ଓ ବ୍ୟାଙ୍କ ଦୃଷ୍ଟିକୋଣରୁ ବ୍ୟାପକ ଭାବେ ସମ୍ମୋଧନ କରିପାରିବ । ଓ.ଏସ.ସି.ବି. ଏବଂ ଅନ୍ୟ ବ୍ୟାଙ୍କ ଗୁଡିକର ପରିଚାଳନା ଦକ୍ଷତା ବୃଦ୍ଧିପାଇଁ ଅନାଦେୟ ସମ୍ପତ୍ତିରେ ରୁପାନ୍ତର ହେବାର ସଂଭବନା ଥିବା ଋଣର ପୃଥକ ଭାବେ ଯାଞ୍ଚ ହେବା ଦରକାର । ପୁରୁଣା ଋଣର ପରିଶୋଧ ନିମନ୍ତେ ନୂତନ ଋଣର ମଞ୍ଜୁରୀ କରିବା ଋଣପ୍ରଦାନର କୌଣସି ବିଜ୍ଞ ଉପାୟ ନୁହେଁ ଏବଂ ଏହା କୃଷକମାନଙ୍କର ଚିରସ୍ଥାୟୀ ଭାବେ ଋଣଗ୍ରସ୍ତ ହେବାର ସହଜାତ କ୍ଷତିଭୟ ଓ ପରିଶେଷରେ ସମବାୟ ବ୍ୟାଙ୍କ ଗୁଡିକ ପାଇଁ ଅନାଦେୟ ସମ୍ପତ୍ତିରେ ପରିଣତ ହେବାର ଭୟ ବହନ କରେ । ସୁଧର ନ୍ୟାଯ୍ୟ ରିହାତି ମଞ୍ଜୁରୀ ପାଇଁ ସରକାର ଏହି ସବୁ ମାମଲା ଏବଂ ଅନ୍ୟ ପାକ୍ସ ଗୁଡିକରେ ଋଣର ସର୍ବଦା ନବୀକରଣ ମାମଲା ଗୁଡିକର ପୁନଃ ଅବଲୋକନ କରିବା ଉଚିତ୍ ।

---

[1] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା (ii) ରାଜ୍ୟ ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ (iii) ସମସ୍ତ ନେଣଦେଣ, ଆୟ ଓ ବ୍ୟୟ ହିସାବ, ବାଲାନ୍ସ ସୀଟ୍ ଓ ଅନ୍ୟାନ୍ୟ ସହକାରୀ ହିସାବ ।

[2] ସମବାୟ ,ଜଙ୍ଗଲ ଓ ପରିବେଶ,ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ

ବିଭାଗ କୃଷକ ସଦସ୍ୟମାନଙ୍କ ବିସ୍ତୃତ ବିବରଣୀ କୁ ଯାଞ୍ଚ କରିବାର ମୌଳିକ ଆବଶ୍ୟକତା କୁ ସୁନିଶ୍ଚିତ ନ କରି ରୁପେ କିଷାନ କାର୍ଡ ମାଧ୍ୟମରେ କୃଷକ ମାନଙ୍କୁ ଋଣରାଶି ଉଠାଣ ର ସହାୟତା ନିମନ୍ତେ ଏକ ନୂତନ ବ୍ୟବସ୍ଥାର ପ୍ରଚଳନ କରିଥିଲେ, ସେଗୁଡିକ ସକ୍ରିୟ କରିବାରେ ଏବଂ ଅନ୍ୟ ଭିତ୍ତିଭୂମିର ଆବଶ୍ୟକତାକୁ ନିଶ୍ଚିତ କରିବାରେ ବିଫଳ ହୋଇଥିଲେ ଯାହା ରାଜକୋଷ ଉପରେ 17.43 କୋଟି ଟଙ୍କାର ଅତିରିକ୍ତ ବୋଝ ଲଦିଥିଲା, ଯାହା ସମ୍ପୂର୍ଣ୍ଣଭାବେ ନିଷ୍ଫଳ ଖର୍ଚ୍ଚ ଥିଲା ।

ଠିକ୍ ସମୟରେ ଅଣାୱାରୀର ଘୋଷଣା ନ କରିବା ଦ୍ଵାରା ବିପର୍ଯ୍ୟୟ ପ୍ରଭାବିତ କୃଷକଙ୍କୁ ସହାୟତା ଯୋଗାଣ ନ ହେବା, କୃଷି ସହାୟତା କେନ୍ଦ୍ର ଗଠନର ପ୍ରକାରଭେଦ ନିର୍ଣ୍ଣୟ କରିବାରେ ଶିଥିଳତା ସହିତ, କଂପ୍ୟୁଟରୀକରଣ ଏବଂ ନେଟୱାର୍କିଂ ନିମନ୍ତେ ପଦକ୍ଷେପର ଅଭାବ କୃଷକମାନଙ୍କୁ କୃଷିଜାତ ଫାଇଦା ପ୍ରଦାନରେ ପ୍ରଭାବିତ କରିଥିଲା ।

ଫସଲ ଋଣଗୁଡିକ ଯେଉଁ ଉଦ୍ଦେଶ୍ୟରେ ମଞ୍ଜୁରୀ କରାଯାଇଥିଲା ସେହି ଉଦ୍ଦେଶ୍ୟରେ ତାହାର ଉପଯୋଗ ହେବା ଏବଂ ସଠିକ୍ ଜମିମାଲିକମାନଙ୍କୁ ଫସଲ ଋଣ ପ୍ରଦାନର ସତ୍ୟତା ସ୍ଥାପନ ସୁନିଶ୍ଚିତ କରିବାର ତଦାରଖ ପ୍ରକ୍ରିୟାକୁ ସବୁ ସ୍ତରରେ ସୁଦୃଢ଼ୀକରଣ କରାଯିବା ଆବଶ୍ୟକ ।

ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ, ପାକ୍ସ ଗୁଡିକର କଂପ୍ୟୁଟରୀକରଣ ଏବଂ ଭି-ସାଟ୍ ମାଧ୍ୟମରେ ସଂଯୋଗୀକରଣ ମଧ୍ୟ ବିଳମ୍ବ ହୋଇଥିଲା ଯାହା ଫଳରେ କୃଷକମାନେ ଇ-ବ୍ୟାଙ୍କିଙ୍ଗ୍ ଏବଂ ରୁପେ କିଷାନ କାର୍ଡ ମାଧ୍ୟମରେ ଏ.ଟି.ଏମ. ବ୍ୟବହାରରୁ ବଞ୍ଚିତ ହୋଇଥିଲେ ।

*(ଅନୁଚ୍ଛେଦ 8.1)*

### ଗଡିକାଠ ଓ ଖୁଣ୍ଟ ଗୁଡିକର ଅଣ ନିକାଶ

ବଣାଇ ବନଖଣ୍ଡର ବନଖଣ୍ଡ ଅଧିକାରୀ 2017-18 ବର୍ଷରେ ଜବତ୍ ହୋଇଥିବା ଗଡିକାଠ ଓ ଖୁଣ୍ଟି ତଥା 2010-11 ରୁ 2017-18 ବର୍ଷ ମଧ୍ୟରେ ଉଦ୍ଧାର କରାଯାଇଥିବା କାଠର ନିକାଶ କରାଇବା ଲାଗି ସମୟାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେଲେ । ଯାହାଦ୍ଵାରା 1.49 କୋଟି ଟଙ୍କାର ରାଜସ୍ୱ ଅନାଦାୟ ରହିଲା ।

*(ଅନୁଚ୍ଛେଦ 8.2)*

### ଚାଷ ଯୋଗ୍ୟ କ୍ଷେତ୍ର ପରସ୍ପରକୁ ଆଶିଂକ ମାଡିଯିବା ଯୋଗୁଁ ନିଷ୍ଫଳ ଅର୍ଥବ୍ୟୟ

ହାଡୁଆ ଜଳସେଚନ ପ୍ରକଳ୍ପର ଆୟାକଟ ବୃହତ ଉଠା ଜଳସେଚନ ପ୍ରକଳ୍ପ ଦ୍ଵାରା ମାଡି ଯାଇଥିବା ଯୋଗୁଁ କଟକ ଜିଲ୍ଲାର ନରସିଂହପୁର ବ୍ଲକରେ ହାଡୁଆ ଜଳସେଚନ ପ୍ରକଳ୍ପରେ ବ୍ୟୟ ହୋଇଥିବା 64.68 କୋଟି ଟଙ୍କାର ଅର୍ଥବ୍ୟୟ ନିଷ୍ଫଳ ହେଲା ।

*(ଅନୁଚ୍ଛେଦ 8.3)*

### ପ୍ରସ୍ତର ମୂଲ୍ୟର ସ୍ୱଳ୍ପ ଆଦାୟ

ଡିସେମ୍ବର 2012 ରେ ଦେଓ ଜଳସେଚନ ପ୍ରକଳ୍ପରେ ମାଟି ନିର୍ମିତ ଡ୍ୟାମ୍ ସହିତ ଜଳ ନିର୍ଗମ ପଥର ନିର୍ମାଣ ପାଇଁ ଓଡିଶା ନିର୍ମାଣ ନିଗମଙ୍କୁ 49.97 କୋଟି ଟଙ୍କା ଡିସେମ୍ବର 2015 ସୁଦ୍ଧା ସମାପ୍ତି ପାଇଁ ନ୍ୟସ୍ତ କରାଯାଇଥିଲା । ପ୍ରଦାନ କରାଯାଇଥିବା କଠିନ ଶିଳାର ମୂଲ୍ୟ ଏବଂ ପରିବହନ ଖର୍ଚ୍ଚ ବାବଦକୁ ଠିକାଦାରଙ୍କ ଠାରୁ 10.17 କୋଟି ଟଙ୍କା ଆଦାୟ କରିବା ପରିବର୍ତ୍ତେ ନିର୍ବାହୀ ଯନ୍ତ୍ରୀ ପରିବହନ ଖର୍ଚ୍ଚକୁ ବାଦ୍ ଦେଇ କେବଳ 2.12 କୋଟି ଟଙ୍କା ଠିକାଦାରଙ୍କ ବିଲ୍‌ରୁ ଆଦାୟ କରିଥିଲେ । ଫଳ ସ୍ୱରୂପ, 8.05 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା ।

*(ଅନୁଚ୍ଛେଦ 8.4)*

## ଲାଇସେନ୍ସ ଦେୟର ସ୍ୱଳ୍ପ ଆଦାୟ

ଜଳ ସେଚନ ଉତ୍ସରୁ ଜଳ ଉତ୍ତୋଳନ କରୁଥିବା ଏକ ଶିଳ୍ପାନୁଷ୍ଠାନ ଠାରୁ ନିର୍ବାହୀ ଯନ୍ତ୍ରୀ ଲାଇସେନ୍ସ ଦେୟ ବାବଦରେ 4.57 କୋଟି ଟଙ୍କା ସ୍ୱଳ୍ପ ଆଦାୟ କଲେ (1,000 ଲିଟର ଜଳ ପ୍ରତି 5.60 ଟଙ୍କା ବଦଳରେ 4.50 ଟଙ୍କା ଦରରେ)।

***(ଅନୁଚ୍ଛେଦ 8.5)***

## ପରିହାର୍ଯ୍ୟ ଅତିରିକ୍ତ ଅର୍ଥ ବ୍ୟୟ

ମିତବ୍ୟୟିତା କାରଣରୁ ମନୁଷ୍ୟ ଦ୍ୱାରା ଖନନ ପରିବର୍ତ୍ତେ ଯାନ୍ତ୍ରିକ ଖନନକୁ ଅଟକଳରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଯାଜପୁର ଜଳସେଚନ ବିଭାଜନ 14 ଗୋଟି କାର୍ଯ୍ୟର ଅଟକଳ/ ରାଜିନାମାରେ ମନୁଷ୍ୟ ଦ୍ୱାରା ମାଟି ଖନନର ବ୍ୟବସ୍ଥା କରିଥିଲେ । ଏହା ଦ୍ୱାରା ମାଟି ଖନନ ମୂଲ୍ୟ ବୃଦ୍ଧି ହେବା ସହିତ ଠିକାଦାରମାନଙ୍କୁ 6.90 କୋଟି ଟଙ୍କାର ଅନୁଚିତ୍ ଫାଇଦା ମିଳିଥିଲା ।

***(ଅନୁଚ୍ଛେଦ 8.6)***

## ଲାଇସେନ୍ସ ଫି ନ ବସାଇବା ହେତୁ ରାଜସ୍ୱ କ୍ଷତି

ସମୀକ୍ଷା ଦଳ, ପ୍ରକଳ୍ପ ପ୍ରତିନିଧି ଏବଂ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଅଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ଯୁଗ୍ମ ଭୌତିକ ନିରୀକ୍ଷଣରୁ ଜଣାଗଲା (ଡିସେମ୍ବର 2018/ ଜାନୁଆରୀ 2019)ଯେ 445 ମଧ୍ୟରୁ 17ଟି ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ଲାଇସେନ୍ସ ଦେୟ ପ୍ରଦାନ ନ କରି ଅପ୍ରାଧିକୃତ ଭାବରେ ସରକାରୀ ଉତ୍ସରୁ ଜଳ ଉତ୍ତୋଳନ କରୁଥିଲେ । ଏହି ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ମାନଙ୍କ ଦ୍ୱାରା ଏପ୍ରିଲ୍ 2017ରୁ ଡିସେମ୍ବର 2018 ମଧ୍ୟରେ 83.92 ଲକ୍ଷ ଘନ ମିଟର ଭୂତଳ ଜଳର ଉତ୍ତୋଳନ ନିମନ୍ତେ ଧାର୍ଯ୍ୟ ଦେୟ ନ ବସାଇବା ଫଳରେ 6.77 କୋଟି ଟଙ୍କାର ରାଜସ୍ୱ ହାନି ହେଲା ।

***(ଅନୁଚ୍ଛେଦ 8.7)***

## ଠିକାଦାରଙ୍କୁ ଅନୁଚିତ୍ ଫାଇଦା

ଡୋଜରର ମାଟି ବିଛାଇବା କ୍ଷମତାକୁ ତ୍ରୁଟିପୂର୍ଣ୍ଣ ଭାବେ ଅନୁସରଣ କରିବା ଏବଂ ମାଟିର ସଂକୋଚନ କରଣ କାର୍ଯ୍ୟରେ ଶୀପ୍ ଫୁଟ୍ ରୋଲର ବଦଳରେ ଭାଇବ୍ରେଟୋରୀ ରୋଲର୍‌ର ବ୍ୟବହାର କରିବା ଫଳରେ ଠିକାଦାରଙ୍କୁ 7.10 କୋଟି ଟଙ୍କାର ଅନୁଚିତ୍ ଫାଇଦା ମିଳିଲା ।

***(ଅନୁଚ୍ଛେଦ 8.8)***

## ଠିକାଦାରଙ୍କୁ ଅତ୍ୟଧିକ ଅର୍ଥ ପ୍ରଦାନ

ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ, ଏକ ସୁଉଚ୍ଚ ପୋଲ ଏବଂ ଏହାର ପ୍ରବେଶ ମାର୍ଗ ନିର୍ମାଣ କାର୍ଯ୍ୟ, ଯେଉଁଥିରେ 273 ମିଟର ପ୍ରବେଶ ମାର୍ଗ କାର୍ଯ୍ୟ ସମ୍ପନ୍ନ ହୋଇନଥିଲା କିମ୍ବା ଏଥିପାଇଁ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ ଚୁକ୍ତି ମୂଲ୍ୟରେ କୌଣସି ହ୍ରାସ କରାଯାଇନଥିଲା, ନିର୍ବାହୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟରେ ଆକଳନ ଅନୁଯାୟୀ କାର୍ଯ୍ୟ ମୂଲ୍ୟରେ କୌଣସି ହ୍ରାସ ନ କରି ସମୁଦାୟ 7.12 କୋଟି ଟଙ୍କା ଠିକାଦାରଙ୍କୁ ପ୍ରଦାନ କରିଥିଲେ ଫଳ ସ୍ୱରୂପ 4.86 କୋଟି ଟଙ୍କାର ଅତିରିକ୍ତ ଭାବେ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 8.9)***